# Akashvani, Sambalpur

## SAMBALPURI NEWS EVENING BULLETIN

## 19 November 2024- 7.02 pm- 7.12 pm.

**********************************************

୧- ସମ୍ବଲପୁର୍ ଜିଲ୍ଲା ନ ୩ ଘର୍ ହାତୀ ମୃତ୍ୟୁ ଘଟ୍‌ନାଥି ନିଜର୍ ଆଡ୍ଡୁ ଜନସ୍ୱାର୍ଥ ମାମ୍‌ଲା ଦାୟର୍ କଲେ ହାଇକୋର୍ଟ ।

୨- ବିଧାନ୍‌ସଭାର୍ ଶୀତ୍‌କାଲୀନ୍ ଅଧିବେଶନ୍ ଆଘୋନୁ ଆଏବା ୨୫ ତାରିଖ୍ ଦିନ ହେବା ସର୍ବଦଲୀୟ ବୈଠକ୍ ।

୩- ରାଏଜେ ଆଏବା କାଏଲ୍‌ଠାନୁ ବର୍‌ଗଡ୍ ଜିଲ୍ଲାନୁ ମୁଲ୍ ହେବା ଖରିଫ୍ ଧାନ୍ ଘିନା ।

୪- ବିଶ୍ୱ ଶୌଚାଳୟ ଦିବସ୍ ଅବ୍‌ସରେ ଆଏଜ୍ ଠାନୁ ମୁଲ୍ ହେଲା ‘ଆମ ଶୌଚାଳୟ ଆମ ସମ୍ମାନ୍’ ଅଭିଯାନ୍ ।

ଆଉର୍

୫- ବଙ୍ଗୋପ୍‌ସାଗର୍ ନ ଆସୁଛେ ଆଉ ଗୁଟେ ଲଘୁଚାପ୍ ।

- ଆଏବା ୨୩ ତାରିଖ୍‌ନୁ ରାଜ୍ୟର୍ ଭିନ୍ ଭିନ୍ ଜାଗା ନ ହେଇପାରେ ବର୍ଷା ।

ହାତୀ ମୃତ୍ୟୁ ଘଟ୍ନା       ଆର୍ଏନ୍ୟୁ/ କଟକ୍

ସମ୍ବଲ୍ପୁର୍ ଜିଲ୍ଲା ନାକ୍ଟିଦେଉଲ୍ ରେଞ୍ଜ୍ର ବୁରୋମାଲ୍ ଜଙ୍ଗଲ୍ ନ ୩ ଘର୍ ହାତୀଙ୍କର୍ ଜୀବନ୍ ଯାଇଥିବାର୍ ଘଟ୍ନାଥି ଓଡ଼ିଶା ହାଇକୋର୍ଟ ନିଜର୍ ଆଡୁ ଗୁଟେ ଜନସ୍ୱାର୍ଥ ମାମ୍ଲା ଦାୟର୍ କରିକରି ରାଜ୍ୟ ସର୍କାର୍ଙ୍କୁ ଜବାବ୍ ତଲବ୍ କରିଛନ୍ । ଇ ଘଟ୍ନାଥି ୩ ଝନ୍ ଜଙ୍ଗଲ୍ କର୍ମଚାରୀଙ୍କୁ ନିଲମ୍ବନ୍ କରାଯାଇଛେ । ସୂଚ୍ନା ଅନ୍ସାରେ ବୁରୋମାଲ୍ ଜଙ୍ଗଲ୍ ନ ଗଲାକାଏଲ୍ ୩ ଟା ହାତୀର୍ ମଲାଦିହି ଉଦ୍ଧାର୍ କରାଯାଇଥିଲା । ହେଲେ ବାର୍ହା ଶିକାର୍ ଲାଗି ପକାଯାଇଥିବାର୍ ବିଜ୍ଲି ତାର୍ ଲାଗି ହାତୀମାନ୍କର୍ ମୃତ୍ୟୁ ହେଇଥିବାର୍ ଜଙ୍ଗଲ୍ ବିଭାଗ୍ ତର୍ଫୁ କୁହାଯାଇଛେ । ଗଲା କେତେ ଦିନ୍ ହେଲା ନାକଟିଦେଉଲ୍ ଇଲାକା ନ ହାତୀପଲ ଚଲ୍ପ୍ରଚଲ୍ କରୁଥିଲେ ।

ବିଧାନ୍ସଭା ଶୀତକାଳୀନ ଅଧିବେଶନ   ଆର୍ଏନ୍ୟୁ/ କଟକ୍

ବିଧାନ୍ସଭା ଶୀତକାଳୀନ ଅଧିବେଶନ୍ ଆଏବା ୨୬ ତାରିଖ୍ନୁ ମୁଲ୍ ହଉଥିବାର୍ନୁ ଆଘୋନୁ ୨୫ ତାରିଖ୍ ଦିନ ଗୁଟେ ସର୍ବଦଳୀୟ ବୈଠକ୍ ବାଚସ୍ପତି ସୁରମା ପାଢ଼ୀଙ୍କର୍ ଅଧ୍ୟକ୍ଷତାଥି ହେବା । ଇ ବାବ୍ଦେ ସଂସଦୀୟ ବ୍ୟାପାର୍ ମନ୍ତ୍ରୀ ଡକ୍ଟର୍ ମୁକେଶ୍ ମହାଲିଙ୍ଗ୍ ସୂଚ୍ନା ଦେଇକରି କହିଛନ୍ ଯେ,

ଆଏବା ଅଧିବେଶନ୍‌ର ସୁପରିଚାଲନା ଲାଗି ବୈଠକ୍‌ଥି ଟିକ୍‌ନିଖି ଆଲୋଚନା କରାଯାଇକରି ବାଚସ୍ପତି ସମସ୍ତଙ୍କର୍ ମତାମତ ଆର୍ ସହଯୋଗ୍ ନେବେ । ନଭେମ୍ବର୍ ୨୬ ନୁ ଡିସେମ୍ବର୍ ୩୧ ତାରିଖ୍‌ତକ୍ ଅଧିବେଶନ୍ ଚାଲ୍‌ବା ବଲି ଥିର୍ କରାଯାଇଛେ । ସୂଚ୍‌ନା ଅନ୍‌ସାରେ ରାଜ୍ୟ କେବିନେଟ୍ ଆଉ ମନ୍ତ୍ରୀ ପରିଷଦ୍‌ର ଗୁଟେ ଗୁରୁତ୍ୱପୂର୍ଣ୍ଣ ବୈଠକ୍ ଆଏବା ୨୩ ତାରିଖ୍ ଦିନ ହେବା । ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀଙ୍କର୍ ଅଧ୍ୟକ୍ଷତାଥି ହେବାର୍‌କେ ଥିବା ଇ ବୈଠକ୍‌ଥି ୨୦୨୪-୨୫ ଆର୍ଥିକ୍ ବଛର୍‌ର ପହେଲା ଅତିରିକ୍ତ ଚିଠା ବଜେଟ୍‌କେ ଅନୁମୋଦନ୍ ମିଲ୍‌ବାର୍ ସମ୍ଭାବନା ଥିବାର୍ ଆମର୍ ସମ୍ବାଦଦାତା ଜନେଇଛନ୍ । ଶୀତ୍‌କାଲୀନ୍ ଅଧିବେଶନ୍‌ଥି ୩୦ ଟା କାର୍ଯ୍ୟଦିବସ୍ ଅଛେ । ଅଧିବେଶନ୍‌ର ପହେଲା ଦିନ ପହେଲା ଅତିରିକ୍ତ ବଜେଟ୍ ଉପସ୍ଥାପନ୍ କରାଯିବା । ଡିସେମ୍ବର୍ ୫ ତାରିଖ୍ ଦିନ ଇତାର୍ ଉପ୍‌ରେ ବ୍ୟୟମଞ୍ଜୁରୀ ବିଲ୍ ଉପସ୍ଥାପନ୍ ହେବାର୍ କାର୍ଯ୍ୟସୂଚୀ ରହିଛେ ।

ରାଜସ୍ୱ ମନ୍ତ୍ରୀ-ଧାନ୍ ଘିନା        ଆର୍‌ଏନ୍‌ୟୁ/ କଟକ୍

ରାଏଜେ ଆଏବା କାଏଲ୍‌ନୁ ଖରିଫ୍ ଧାନ୍ ଘିନା ପ୍ରକ୍ରିୟା ମୁଲ୍ ହେବା ବଲି ରାଜସ୍ୱ ମନ୍ତ୍ରୀ ସୁରେଶ୍ ପୂଜାରୀ କହିଛନ୍ । ସେ କହିଛନ୍ ଯେ, ଆଏବା କାଏଲ୍‌ନୁ ବର୍‌ଗଡ଼୍, ଆଉ ପର୍‌ଦିନୁ

ସମ୍ବଲ୍ପୁର୍ ନ ଧାନ୍ ଘିନା ମୁଲ୍ ହେବା । ଧାନ୍ ଘିନା ଆରମ୍ଭ୍ ନୁ ବିକ୍ରିତକ୍ ମଣ୍ଡିଥି ବିଭାଗୀୟ ଅଧିକାରୀ ଉପସ୍ଥିତ୍ ରହେବେ । କଟ୍ନୀଛଟ୍ନୀ ସହେତେ ଚାଷୀମାନ୍କୁ ଧାନ୍ର ଠିକ୍ ଦାମ୍ ଯେନ୍ତା ମିଲ୍ବା ଅଧିକାରୀମାନେ ତାର୍ ତଦାରଖ୍ କର୍ବେ । ୪ ନୁ ୫ ଟା ମଣ୍ଡିକେ ନେଇକରି ପର୍ଯ୍ୟବେକ୍ଷକଙ୍କୁ ନିଯୁକ୍ତ କରାଯାଇଛେ । ରାଜ୍ୟ ସର୍କାର୍ ଧାନ୍ର ସର୍ବନିମ୍ନ ସହାୟକ ଦାମ୍ ୩୧ ଶହ ଟଙ୍କା କରିଛନ୍ । ଚାଷୀମାନ୍କୁ ସବ୍ସିଡି ଦେବାର୍ ଉପ୍ରେ ଜୋର୍ ଦିଆଯିବା ବଲି ମନ୍ତ୍ରୀ ଶ୍ରୀ ପୂଜାରୀ କହିଛନ୍ ।

ଖରିଫ୍ ଧାନ୍ ଘିନା -ବର୍ଗଡ୍ ବର୍ଗଡ୍ ସମ୍ବାଦଦାତା

ବର୍ଗଡ୍ ଜିଲ୍ଲା ନ ଆଏବା କାଏଲ୍ନୁ ଖରିଫ୍ ଧାନ୍ ଘିନା ମୁଲ୍ ହେବାର୍କେ ଥିବାର୍ ବେଲେ ଖାଦ୍ୟ ଆଉ ଯୋଗାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର ଆଏଜ୍ ବର୍ଗଡ୍ ଆସିକରି ଇ ବାବ୍ଦେ ସମୀକ୍ଷା କରିଛନ୍ । ଇଥି ବିଧାୟକ୍ ଅଶ୍ୱିନୀ ଷଡ଼ଙ୍ଗୀ, ଇରାସିସ୍ ଆଚାର୍ଯ୍ୟ, ସନତ୍ ଗଡ଼ତିଆ, ବର୍ଗଡ୍ ସାଂସଦ୍ଙ୍କର୍ ପ୍ରତିନିଧି ସୁରେଶ୍ୱର୍ ଶତ୍ପଥୀ, ବର୍ଗଡ୍ ଜିଲ୍ଲାପାଲ୍ ଆଦିତ୍ୟ ଗୋୟଲ୍ ଆର୍ ପଦ୍ମପୁର୍ ଅତିରିକ୍ତ ଜିଲ୍ଲାପାଲ୍ କୁନାଲ୍ ମୋତିରାମ୍ ଚୌହାନ୍ଙ୍କର୍ ସହେତେ ଜିଲ୍ଲାସ୍ତରୀୟ ଅଧିକାରୀମାନେ ଯୋଗ୍ ଦେଇଥିଲେ ।

ଧାନ୍ ଘିନା- ବୈଠକ୍ ସୁବର୍ଣ୍ଣପୁର୍ ସମ୍ବାଦଦାତା

ସୁବର୍ଣ୍ଣପୁର୍ ଜିଲ୍ଲା ନ ଖରିଫ୍ ଧାନ୍ ଘିନ୍‌ବାର୍ ଲାଗି ଜିଲ୍ଲାପାଲ୍‌ଙ୍କର୍ ସମ୍ମିଲନୀ କକ୍ଷ ନ ଜିଲ୍ଲାସ୍ତରୀୟ ଧାନ୍ ସଂଗ୍ରହ କମିଟିର୍ ସ୍ୱତନ୍ତ୍ର ବୈଠକ୍ ଆଏଜ୍ ହେଇଯାଇଛେ । ଜିଲ୍ଲାପାଲ୍ ଅନ୍ୟା ଦାସ୍‌ଙ୍କର୍ ଅଧ୍ୟକ୍ଷତାଥି ହେଇଥିବା ଇ ବୈଠକ୍‌ଥି ଜିଲ୍ଲାର୍ ବିନ୍‌କା ଡୁଙ୍ଗ୍‌ରିପାଲି, ଉଲୁଣ୍ଡା ଆର୍ ବୀର୍‌ମହାରାଜ୍‌ପୁର୍ ବ୍ଲକ୍‌ର ଶହେ ୭ ଟା ନିୟନ୍ତ୍ରିତ ବଜାର୍ କମିଟି ଆଉ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ଜରିଏ ଆଏବା ୧୦ ତାରିଖ୍ ଦିନ ଧାନ୍ ଘିନା ମୁଲ୍ ହେବା ବଲି ନିଷ୍ପତି ନିଆଯାଇଛେ । ଇଥିର୍ ଭିତ୍‌ରେ ଜିଲ୍ଲାର୍ ଖରିଫ୍ ଧାନ୍ ବିକ୍‌ବାର୍ ଲାଗି ଅନ୍‌ଲାଇନ୍ ଜରିଏ ୬୮ ହଜାର୍ ୮ ଶହ ୨୪ ଝନ୍ ଚାଷୀ ପଞ୍ଜିକରଣ୍ କରିଛନ୍ । ବୈଠକ୍‌ଥି ସାଂସଦ୍ ସଂଗୀତା ସିଂହଦେଓ, ବିଧାୟକ୍ ରଘୁନାଥ ଜଗ୍‌ଦଲା, ନିରଞ୍ଜନ୍ ପୂଜାରୀ ଯୋଗ୍ ଦେଇକରି ମଣ୍ଡିମାନ୍‌କେ କଟ୍‌ନୀ ଛଟ୍‌ନୀକେ ବନ୍ଦ୍ କର୍‌ବାର୍ ସହେତେ ଧାନ୍ ଉଠାବାର୍‌କେ ଅଗ୍ରାଧିକାର୍ ଦେବାର୍‌କେ ପରାମର୍ଶ ଦେଇଥିଲେ ।

ଧାନ୍ ଘିନା- ମନ୍ତ୍ରୀ ସମୀକ୍ଷା ନୂଆପଡ଼ା ସମ୍ବାଦଦାତା

ଯୋଗାଣ ଆଉ ଖାଉଟି କଲ୍ୟାଣ୍ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର ଆଏଜ୍ ନୂଆପଡ଼ା ଜିଲ୍ଲାପାଲ୍‌ଙ୍କର୍ ସମ୍ମିଲନୀ କକ୍ଷ ନ ଜିଲ୍ଲା ନ ଧାନ୍

ଘିନା ପ୍ରସ୍ତୁତି ବାବ୍‌ଦେ ସମୀକ୍ଷା କରିଛନ୍ । ଇ ଅବ୍‌ସରେ ସେ ଜିଲ୍ଲାସ୍ତରୀୟ ଅଧିକାରୀମାନ୍‌କର୍ ସଙ୍ଗେ ମଣ୍ଡି ବିଷେ ଆଲୋଚନା କରିଥିଲେ । ଜିଲ୍ଲା ନ ଖରିଫ୍ ଋତୁଥି ୨୬ ଟା ପେକ୍ସ ତର୍‌ଫୁ ୭୭ ଟା ମଣ୍ଡି ଆଉ ୧୩ ଟା ସ୍ୱୟଂ ସହାୟକ ଗୋଷ୍ଠୀକେ ଧାନ୍ ଘିନା ଦାୟିତ୍ୱ ଦିଆଯାଇଛେ । ବୈଠକ୍‌ଥି ବିଧାୟକ୍ ଅଧିରାଜ୍ ପାଣିଗ୍ରାହୀ ଆଉ ରାଜେନ୍ଦ୍ର ଢୋଲ୍‌କିଆ ଆର୍ ଜିଲ୍ଲାପାଲ୍ ମଧୁସୂଦନ୍ ଦାସ ଯୋଗ୍ ଦେଇଥିଲେ ।

ବିଶ୍ୱ ଶୌଚାଳୟ ଦିବସ ଆର୍‌ଏନ୍‌ୟୁ/ କଟକ୍

ଲୋକ୍‌ମାନ୍‌କର୍ ଭିତ୍‌ରେ ପରିମଳ ଆର୍ ଶୌଚାଳୟର୍ ବେଭାର୍ ଲାଗି ସଚେତନତା ସୃଷ୍ଟି ଉଦ୍ଦେଶ୍ୟଥି ଆଏଜ୍ ବିଶ୍ୱ ଶୌଚାଳୟ ଦିବସ ପାଳନ୍ କରାଯାଉଛେ । ୨୦୧୩ ମସିହାଥି ବିଶ୍ୱ ଶୌଚାଳୟ ଦିବସ ପାଳନ୍ ଲାଗି ମିଳିତ ଜାତିସଂଘ ତର୍‌ଫୁ ଆନୁଷ୍ଠାନିକ ଭାବେ ଘୋଷ୍‌ନା ହେଇଥିଲା । ସେଦିନୁ ଫିଁ' ବଛର୍ ନଭେମ୍ବର୍ ୧୯ ତାରିଖ୍‌କେ ବିଶ୍ୱ ଶୌଚାଳୟ ଦିବସ ଭାବେ ପାଳନ୍ କରାଯାଉଛେ । ଇ ଅବ୍‌ସରେ ଆଏଜ୍ ପାନୀୟ ଜଳ ଆଉ ପରିମଳ ବିଭାଗ୍ ତର୍‌ଫୁ ସାରା ଦେଶେ ଆମ ଶୌଚାଳୟ, ଆମ ସମ୍ମାନ୍ ଅଭିଯାନ୍ ମୁଳ୍ ହେଇଛେ । ଇଟା ଡିସେମ୍ବର୍ ୧୦ ତାରିଖ୍‌ତକ୍ ଚାଲ୍‌ବା । ଇ ଅଭିଯାନ୍ ଜରିଏ ଲୁକ୍‌କର୍ ଭିତ୍‌ରେ ଶୌଚାଳୟର୍ ବେଭାର୍ ବାବ୍‌ଦେ ସଚେତନତା ସୃଷ୍ଟି କରାଯିବାର୍ ସହେତେ ପରିମଳର ଗୁରୁତ୍ୱ ବାବ୍‌ଦେ କୁହାଯିବା ।

ବିଶ୍ୱ ଶୌଚାଳୟ ଦିବସ ଅବ୍‌ସରେ ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ ସାମାଜିକ୍ ଗଣମାଧମ୍‌ଥି କହିଛନ୍ ଯେ, ପ୍ରଧାନ୍‌ମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କର୍ ଆହ୍ୱାନ୍ ଅନ୍‌ସାରେ ଭାରତ୍ ସ୍ୱଚ୍ଛତାର୍ ମାଇଲ୍‌ଖୁଂଟ ସ୍ଥାପନ୍ କରିଛେ । ସ୍ୱଚ୍ଛ ଭାରତ୍ ମିଶନ୍ ସ୍ୱଚ୍ଛ ଆଉ ପରିମଳ ବାତାବରଣ୍ ସୃଷ୍ଟି କର୍‌ବାର୍ ସହେତେ ଲୁକ୍‌କର୍ ଜୀବନ୍‌ଥି ପରିବର୍ତ୍ତନ୍ ଆନିଛେ । ଇ ଅବ୍‌ସରେ ବାହ୍ୟ ମଳମୁକ୍ତ ଭାରତ୍ ଗଠନ୍ କର୍‌ବାର୍ ସହେତେ ସୁସ୍ଥ ଆଉ ସ୍ୱଚ୍ଛ ଦେଶ୍ ଗଠନ୍ କର୍‌ବାର୍ ଲାଗି କାମ୍ କର୍‌ବାର୍‌କେ ମୁଖ୍ୟମନ୍ତ୍ରୀ ଆହ୍ୱାନ୍ ଦେଇଛନ୍ ।

ବିଶ୍ୱ ଶୌଚାଳୟ ଦିବସ-୧ ଆର୍‌ଏନ୍‌ୟୁ/ ସମ୍ବଲପୁର

ଭୁବ୍‌ନେଶ୍ୱର୍‌ର ଗ୍ରାମ୍ୟଉନ୍ନୟନ୍ ଆଉ ପଂଚାୟତିରାଜ୍ ପ୍ରତିଷ୍ଠାନ୍ ନ ବିଶ୍ୱ ଶୌଚାଳୟ ଦିବସ ପାଳିତ୍ ହେଇଯାଇଛେ । ପାନୀୟ ଜଳ ପରିମଳ ନିର୍ଦ୍ଦେଶକ ଭିନିତ୍ ଭରଦ୍ୱାଜ୍ ଯୋଗ୍ ଦେଇକରି ଶୌଚାଳୟ ବେଭାର୍ ସ୍ୱାସ୍ଥ୍ୟ ରକ୍ଷା କ୍ଷେତ୍ର ନ କେନ୍ତା ପରିବର୍ତ୍ତନ୍ ଆନିପାରିଛେ ସେ ବାବ୍‌ଦେ ଆଲୋଚନା କରିଥିଲେ । ଇ ଅବ୍‌ସରେ ଗ୍ରାମ୍ୟ ଉନ୍ନୟନ୍ ଆଉ ପଂଚାୟତିରାଜ୍ ପ୍ରତିଷ୍ଠାନର ନିର୍ଦ୍ଦେଶକ ସୁରେନ୍ଦ୍ର କୁମାର୍ ମୀନାଙ୍କର୍ ଉପସ୍ଥିତିଥି ବହୁତ୍‌ଟେ ହିତାଧିକାରୀଙ୍କୁ ବ୍ୟକ୍ତିଗତ ଘରୋଇ ଶୌଚାଳୟ ନିର୍ମାଣ୍ ଲାଗି ଅନୁମତି ପତ୍ର ଦେବାର୍

ସହେତେ ସ୍ୱଚ୍ଛତା ହିଁ ସେବା ଅଭିଯାନ୍ କାର୍ଯ୍ୟକ୍ରମ୍‌ର ସର୍ବଶ୍ରେଷ୍ଠ ସ୍ୱଚ୍ଛତା ଟାର୍ଗେଟ୍ ୟୁନିଟ୍, ସ୍ୱଚ୍ଛତା ଶିବିର ଆୟୋଜନ୍, ବର୍ଜ୍ୟବସ୍ତୁ ଥି ତିଆର୍ କଳାତ୍ମକ ବସ୍ତୁର୍ ପ୍ରଦର୍ଶନ କ୍ଷେତ୍ରଥି ଶ୍ରେଷ୍ଠ ବିବେଚିତ ଜିଲ୍ଲାମାନ୍‌କୁ ପୁରସ୍କାର୍ ଦିଆଯାଇଥିଲା ।

ବିଶ୍ୱ ଶୌଚାଳୟ ଦିବସ-୨ ସମ୍ବଲପୁର୍ ସମ୍ବାଦଦାତା

ସମ୍ବଲ୍‌ପୁର୍ ଜିଲ୍ଲା ପରିଷଦ୍ ସମ୍ମିଳନୀ କକ୍ଷ ନ ଆଏଜ୍ ବିଶ୍ୱ ଶୌଚାଳୟ ଦିବସ୍ ପାଳନ୍ କରାଯାଇଛେ । ବୈଠକ୍‌ଥି ଜିଲ୍ଲା ପରିଷଦ୍ ସଭାପତି କୁମୁଦିନୀ ନାୟକ୍, ମୁଖ୍ୟ ଜିଲ୍ଲା ଉନ୍ନୟନ୍ ଅଧିକାରୀ ପ୍ରସନ୍ନ କୁମାର୍ ପାତ୍ର, ଅତିରିକ୍ତ ନିର୍ବାହୀ ଅଧିକାରୀ ବି.ବି. ପଟ୍ଟନାୟକ୍, ଆର୍.ଡବ୍ଲୁ.ଏସ୍.ଏସ୍.ର ନିର୍ବାହୀ ଯନ୍ତ୍ରୀ ସୁଚିତ୍ର କୁମାର୍ ମହାନ୍ତି ଆର୍ ଜିଲ୍ଲା ପରିମଳ ପରାମର୍ଶଦାତା ବିଦ୍ୟୁତ୍ ରଞ୍ଜନ୍ ନାୟକ୍ ଯୋଗ୍ ଦେଇକରି ଶୌଚାଳୟର୍ ବେଭାର୍ ଆର୍ ଇ ବାବ୍‌ଦେ ସଚେତନତାର୍ ଉପ୍‌ରେ ଜୋର୍ ଦେଇଥିଲେ । ବୈଠକ୍‌ଥି ୧୫ ଝନ୍‌କୁ ବ୍ୟକ୍ତିଗତ ଘରୋଇ ଶୌଚାଳୟ ଲାଗି ୱ୍ୱାର୍କଅର୍ଡର୍ ଦିଆଯାଇଥିଲା ।

ବିଶ୍ୱ ଐତିହ୍ୟ ଦିବସ୍-ନୂଆପଡ଼ା ନୂଆପଡ଼ା ସମ୍ବଲପୁର୍

ନୂଆପଡ଼ା ଜିଲ୍ଲା ଖଡ଼ିଆଲ୍ ସ୍ୱୟଂଶାସିତ ମହାବିଦ୍ୟାଳୟ ପରିସର୍ ନ ପ୍ରତ୍ନତତ୍ୱ ଆଉ ସଂଗ୍ରହାଲୟ ତତ୍ୱ ବିଭାଗ୍ ତରଫୁ ଆଏଜ୍ ବିଶ୍ୱ ଐତିହ୍ୟ ଦିବସ୍ ପାଲିତ୍ ହେଇଯାଇଛେ । ଯୁକ୍ତ ଦୁଇ ଅଧ୍ୟକ୍ଷ ଡକ୍ଟର୍ ରଣ୍‌ବୀର୍ ସିଂଙ୍କର୍ ଅଧ୍ୟକ୍ଷତାଥି ହେଇଥିବା ଇ କାର୍ଯ୍ୟକ୍ରମ୍‌ଥି ଅଧ୍ୟାପକ ଡକ୍ଟର୍ ତରୁଣ୍ କୁମାର୍ ପ୍ରଧାନ, ସୁନୀଲ୍ କୁମାର୍ ପାଢ଼ୀ, ଗୀତାଶ୍ରୀ ପ୍ରିୟମ୍ବଦା, ରାଜଲକ୍ଷ୍ମୀ ରଥ, ୟାମିନ୍ ମହମ୍ମଦ୍ ଆର୍ ଖଗେଶ୍ୱର୍ ଭୋଇ ପ୍ରମୁଖ ଯୋଗ୍ ଦେଇକରି ଅଶୋକ୍ ଚିହ୍ନ ଆଘର୍ ସଭ୍ୟତାର୍ ବାର୍ତାବହ ଆଏ ବଲି କହିଥିଲେ ।

ଜିଲ୍ଲାସ୍ତରୀୟ ମତ୍ସ୍ୟ ଆଉ ପଶୁସମ୍ପଦ ମେଳା ବୌଦ୍ଧ

ବୌଦ୍ଧ କଚ୍‌ରୀ ପଡ଼ିଆ ନ ଦୁଇଦିନିଆ ଜିଲ୍ଲାସ୍ତରୀୟ ମତ୍ସ୍ୟ ଆଉ ପଶୁସମ୍ପଦ ମେଳା ଉଦ୍‌ଘାଟିତ୍ ହେଇଯାଇଛେ । ଜିଲ୍ଲା ପ୍ରାଣୀସମ୍ପଦ୍ ଅଧିକାରୀ ଡାକ୍ତର୍ ରାମାରାଓ ପାଲୋଙ୍କର୍ ଅଧ୍ୟକ୍ଷତାଥି ହେଇଥିବା ଉଦ୍‌ଘାଟନୀ ଉତ୍ସବ୍‌ଥି ସର୍‌କାରୀ ଦଲର୍ ମୁଖ୍ୟ ସଚେତକ ଆଉ ବିଧାୟକ୍ ସରୋଜ୍ କୁମାର୍ ପ୍ରଧାନ୍ ମେଳାକେ ଉଦ୍‌ଘାଟନ୍ କରିକରି ସର୍‌କାରୀ ଯୋଜ୍‌ନା ବାବ୍‌ଦେ ସଚେତନ୍ କରାଯିବାର୍ ସହେତେ ଚାଷୀ ଆଉ ପଶୁପାଳକ୍‌ମାନେ ଯେନ୍ତା ଲାଭ୍ ପାଏବେ ସେଥିର୍‌ଲାଗି ପରାମର୍ଶ ଦେଇଥିଲେ ।

କେପିଟାଲ୍ ହସ୍ପିଟାଲ୍-ଆଇସିୟୁ ବେଡ ବୃଦ୍ଧି/ଆର୍ଏନ୍ୟୁ ସମ୍ବଲପୁର

ଭୁବ୍‌ନେଶ୍ୱର୍‌ର କେପିଟାଲ୍ ହସ୍ପିଟାଲ୍‌ର ଆଏବା ଦିନେ ଆଇସିୟୁ ବେଡ୍ ୪୦ କେ ବଢ଼୍‌ବା ବଲି ଭୁବ୍‌ନେଶ୍ୱର୍ ସାଂସଦ୍ ଅପରାଜିତା ଷଡ଼ଙ୍ଗୀ କହିଛନ୍ । ଶ୍ରୀମତୀ ଷଡ଼ଙ୍ଗୀ କହିଛନ୍ ଯେ, ଏଛେନ୍ କେପିଟାଲ୍ ହସ୍ପିଟାଲ୍ ନ ୧୬ ଟା ଆଇସିୟୁ ବେଡ୍ ଅଛେ । ଖୋବ୍ ଜଲ୍‌ଦି ଆଉ ୨୪ ଟା ନୂଆଁ ଆଇସିୟୁ ବେଡ୍ ଇଥି ସାମିଲ୍ ହେବା ବଲି ରୋଗୀ କଲ୍ୟାଣ୍ ସମିତି ବୈଠକ୍‌ଥି ନିଷ୍ପତି ନିଆଯାଇଛେ ।

ବିଦ୍ୟାଲୟସମୂହ କ୍ରିକେଟ୍ ଟୁର୍ଣ୍ଣାମେଂଟ୍ ବୌଦ୍ଧ

ବୌଦ୍ଧ ଜିଲ୍ଲା ବିଦ୍ୟାଲୟସମୂହ କ୍ରିକେଟ୍ ଟୁର୍ଣ୍ଣାମେଂଟ୍ ଥି କଂଟାମାଲ୍ ଦଲ୍ ଚମ୍ପିଆନ୍ ହେଇଛେ । ଇ ଟୁର୍ଣ୍ଣାମେଂଟ୍‌ଥି ବୌଦ୍ଧ, କଂଟାମାଲ୍ ଆର୍ ହର୍‌ଭଙ୍ଗା ବ୍ଲକ୍ ଟିମ୍ ଯୋଗ୍ ଦେଇଥିଲେ ।

ଭୁବ୍‌ନେଶ୍ୱର୍ ଦୂରଦର୍ଶନ୍ କେନ୍ଦ୍ର-ସମ୍ବଲପୁରୀ, ସାନ୍ତାଳି ଆର୍ ଦେଶୀୟା ଭାଷାଥି ସମ୍ବାଦ ପ୍ରସାରଣ

ଆର୍ଏନ୍ୟୁ/ କଟକ୍

ଭୁବ୍ନେଶ୍ୱର୍ ଦୂରଦର୍ଶନ୍ କେନ୍ଦ୍ର ଆଂଚଲିକ୍ ସମ୍ବାଦ ବିଭାଗ୍ ତର୍ଫୁ ସମ୍ବଲପୁରୀ, ସାନ୍ତାଳି ଆର୍ ଦେଶୀୟା ଭାଷାଥି ସମ୍ବାଦ ପ୍ରସାରଣ୍ କରାଯିବା । ଇଥିର୍ଲାଗି ସମ୍ବଲପୁରୀ, ସାନ୍ତାଳି ଆଉ ଦେଶୀୟା ଭାଷା ସମ୍ବାଦ ପାଠକ, କପି ଏଡିଟର୍ ଆର୍ ଭିଡ଼ିଓ ଏଡିଟର୍ର ଦରକାର୍ ରହିଛେ । ଉପଯୁକ୍ତ ପ୍ରାର୍ଥୀମାନ୍କର୍ ନୁ ଇଥିର୍ଲାଗି ଦର୍ଖାସ୍ତ ଆହ୍ୱାନ୍ କରାଯାଇଛେ । ଇଚ୍ଛୁକ ପ୍ରାର୍ଥୀ ପ୍ରସାର୍ ଭାରତୀ ୱେବ୍ସାଇଟ୍ prasarbharati.gov.in ର ଭେକେନ୍ସିଜ୍ ବିଭାଗ୍କେ ଯାଇକରି ବିଜ୍ଞାପନ୍ର ସବିଶେଷ୍ ବିବରଣୀ ଜାନିପାର୍ବେ । ଇ ମାସର୍ ୨୦ ତାରିଖ୍ ଆବେଦନ୍ କର୍ବାର୍ ଶେଷ୍ ତାରିଖ୍ ଆଏ ।

ଲଘୁଚାପ୍/ ଶୀତ ଆର୍ଏନ୍ୟୁ/ ସମ୍ବଲପୁର

ବଙ୍ଗୋପ୍ସାଗର୍ ନ ଆଉ ଗୁଟେ ଲଘୁଚାପ୍ ଆସୁଛେ । ଇଟା ଆଏବା ୨୧ ତାରିଖ୍ତକ୍ ଘୂର୍ଣ୍ଣିବଳୟ ହେବାର୍ ସମ୍ଭାବନା ରହିଛେ ବଲି ଭୁବ୍ନେଶ୍ୱର୍ ଆଂଚଲିକ୍ ପାଣିପାଗ୍ କେନ୍ଦ୍ର ଅନୁମାନ୍ କରିଛନ୍ । ଇଟା ଘନୀଭୂତ ହେଇକରି ୨୩ ତାରିଖ୍ ଦିନ ଲଘୁଚାପ୍ର ରୂପ୍ ନେବା । ପଛେ ପଶ୍ଚିମ ଉତର୍ପଶ୍ଚିମ ଦିଗ୍କେ

ଗତି କରିକରି ଅବପାତ୍ର ରୂପ ନେବାର୍ ସମ୍ଭାବନା ରହିଛେ ।
ଇତାର୍ ପ୍ରଭାବ୍ଥି ରାଜ୍ୟର୍ ଭିନ୍ ଭିନ୍ ଜାଗା ନ ବର୍ଷା ହେଇପାରେ ।

ସେଆଡ଼େ ରାଜ୍ୟର୍ ଭିତ୍ରିଆ ଇଲାକା ନ ଗଲା ୨ ଦିନ୍ ହେଲା ତାପମାତ୍ରା କମିକରି ଶୀତ୍ ବଢ଼ିଛେ । ଆଏବା ୪ ଦିନ୍ତକ୍ ଇ ଥିତି ଜାରି ରହେବା ।